بسم الله الرحمن الرحيم

**୧୩ ଅପ୍ରେଲ୍ ୨୦୧୮ ଖୁତବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ୍ ବଶାରତ୍ ପେଡ୍ରୋଆବାଦ୍, ସ୍ପେନ୍**

ହଜରତ ମସିହ ମଉଦ ଆ.ସଙ୍କ ରଚିତ ପୁସ୍ତକ ଅଧ୍ୟୟନ କରିବା ସହିତ ଆମକୁ ନିଜ ଧାର୍ମିକ ଜ୍ଞାନରେ ଅଭିବୃଦ୍ଧି କରିବା ପ୍ରତି ଧ୍ୟାନ ଦେବା ଉଚିତ୍, ଖିଲାଫତ୍ ସହିତ ସମ୍ପର୍କ ସୁଦୃଢ କରିବା ପ୍ରତି ମଧ୍ୟ ଚେଷ୍ଟିତ ରହିବା । ଏଥିନିମନ୍ତେ ଅଲ୍ଲାଃତାଲା M.T.A ରୂପକ ଯେଉଁ ପୁରସ୍କାର ଆମକୁ ପ୍ରଦାନ କରିଛନ୍ତି ସେଥିମାଧ୍ୟମରେ (ଖିଲାଫତ୍ ସହ) ସମ୍ପର୍କ ସ୍ଥାପନ କରିବା ଏବଂ ଖଲିଫାଙ୍କର ସମସ୍ତ କାର୍ଯ୍ୟକ୍ରମରୁ ଉପକୃତ ହେବା ଉଚିତ୍ ।

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ଏହି ଯୁଗରେ ବିଶ୍ୱର ପ୍ରତ୍ୟେକ ସ୍ଥାନରେ ବିଭ୍ରାଟ ଓ ବିଶୃଙ୍ଖଳା ବ୍ୟାପି ରହିଛି । କେଉଁଠାରେ ଧର୍ମ ନାମରେ ବିଭ୍ରାଟ ନିଜର ପସରା ମେଲାଇ ବସିଛି ତ ଆଉ କେଉଁଠାରେ ସାଂସାରିକ ଶକ୍ତି ନିଜର ପ୍ରାଧାନ୍ୟ ସାବ୍ୟସ୍ତ କରିବା ନିମନ୍ତେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । କେଉଁଠାରେ ଦରିଦ୍ର ଓ ଧନୀକ ଶ୍ରେଣୀ ମଧ୍ୟରେ ମୁକାବିଲା ଯୋଗୁଁ ସମାନ ପରିସ୍ଥିତି ଦେଖିବାକୁ ମିଳୁଅଛି । ପୁଣି କେଉଁଠାରେ ରାଜନୈତିକ ଦଳ ପ୍ରଶାସନିକ କ୍ଷମତା ହାସଲ କରିବା ନିମନ୍ତେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । କେଉଁଠାରେ ଘରେ ଛୋଟ ଛୋଟ କଥାକୁ ନେଇ କଳହ ଦେଖିବାକୁ ମିଳୁଅଛି ତ କେଉଁଠାରେ ପରସ୍ପରର ଅଧିକାର ସମ୍ପାଦନ ନକରିବା ଯୋଗୁଁ ଝଗଡ଼ା ଓ ଗଣ୍ଡୋଗୋଳ ଲାଗିରହିଛି । କେଉଁଠାରେ (ମାନବ ନିଜ) ଉଚ୍ଚ ଆଭିଜାତ୍ୟ ପ୍ରମାଣ କରିବା ପାଇଁ ବିଭ୍ରାଟ ଓ ବିଶୃଙ୍ଖଳା ସୃଷ୍ଟି କରୁଅଛି ତ କେଉଁଠାରେ ନିଜ ଅଧିକାର ହାସଲ କରିବା ପାଇଁ ଅସତ୍ ମାର୍ଗ ଅବଲମ୍ବନ କରି ବିଶୃଙ୍ଖଳା ସୃଷ୍ଟି କରିବାକୁ ଚେଷ୍ଟା କରାଯାଉଅଛି । **ତେବେ ଯେଉଁ ଦିଗରୁ ଦେଖିଲେ ମଧ୍ୟ ସାରା ଜଗତ ବିଭ୍ରାଟ ଓ ବିଶୃଙ୍ଖଳାରେ ଘେରି ରହିଥିବାର ଦୃଶ୍ୟ ପରିଲକ୍ଷିତ ହେଉଅଛି ।** ନା ଗରିବ ନା ଧନୀକ ଶ୍ରେଣୀ କେହିହେଲେ ଏଥିରୁ ସୁରକ୍ଷିତ ନାହାନ୍ତି । ନା ବିକଶିତ ରାଷ୍ଟ୍ର ନା କମ୍ ବିକଶିତ ରାଷ୍ଟ୍ର ଏଥିରୁ ସୁରକ୍ଷିତ ଅଛନ୍ତି । ମଣିଷ ଯେ କି ନିଜକୁ ଏହି ଯୁଗର ଉନ୍ନତ ଓ ପୂର୍ଣ୍ଣ ବିକଶିତ (ଜାତି) ମନେକରୁଅଛି ଏବଂ ଚିନ୍ତା କରୁଅଛି କି ଏହା ଜ୍ଞାନ, ବୁଦ୍ଧି ଓ ଆଲୋକର ଯୁଗ ଅଟେ କିନ୍ତୁ ପ୍ରକୃତରେ ସେ ଅନ୍ଧକାର ମଧ୍ୟରେ ବୁଡ଼ିରହିଛି । ଅଲ୍ଲାଃତାଲାଙ୍କୁ ପାସୋରି ସଂସାର ପ୍ରାପ୍ତି ଏବଂ ତାହାକୁ ନିଜର ଉପାସ୍ୟ ଓ ପ୍ରଭୁ ମନେକରି ଧ୍ୱଂସାଭିମୁଖୀ ମାର୍ଗରେ ଆଗକୁ ବଢିଚାଲିଛି ବରଂ ତାହାର ଅତି ନିକଟବର୍ତ୍ତୀ ହୋଇଗଲାଣି ।

ହଜୁର ଅନଓ୍ୱର ଅ.ବ କହିଲେ- ଦୁଃଖଦ ଯେ, ମୁସଲମାନମାନଙ୍କ ନିକଟରେ ଏକ ଶ୍ରେଷ୍ଠ ଓ ସମ୍ପୂର୍ଣ୍ଣ (ଧର୍ମ) ପୁସ୍ତକ ସେମାନଙ୍କ ସୁଧାର ନିମନ୍ତେ ଉପଲବ୍ଧ ରହିଛି । ପୁଣି ଅଲ୍ଲାଃତାଲା ନିଜ ପ୍ରତିଶୃତି ମୁତାବକ ଏହି ଯୁଗର ଇମାମଙ୍କୁ ମଧ୍ୟ ପ୍ରେରଣ କରିଦେଇଛନ୍ତି ଯେ ମତାନ୍ତର ଓ ମନମାଳିନ୍ୟକୁ ଦୂର କରିବା ଧାର୍ଯ୍ୟ ଥିଲା । କିନ୍ତୁ ମୁସଲମାନମାନେ ଅଲ୍ଲାଃଙ୍କ ପ୍ରେରିତ ଏହି ଯୁଗାବତାରଙ୍କ କଥା ଶୁଣିବା ଓ ତାଙ୍କ ଆନୁଗତ୍ୟ ସ୍ୱୀକାର କରି ଉକ୍ତ ବିଶୃଙ୍ଖଳା ଓ ମତଭେଦକୁ ଦୂର କରିବା ପରିବର୍ତ୍ତେ ଅଧିକାଂଶ ମୁସଲମାନ ଧର୍ମ ନାମରେ ବିଭ୍ରାଟ ସୃଷ୍ଟିକାରୀ ମୌଲବିମାନଙ୍କୁ ଅନୁସରଣ କରୁଛନ୍ତି । ଅଲ୍ଲାଃତାଲା ବିଶ୍ୱରୁ ବିଭ୍ରାଟ ମୁକ୍ତ କରିବା ଓ ପାରସ୍ପରିକ ପ୍ରେମ ତଥା ଭାତୃଭାବ ଉତ୍ପନ୍ନ କରିବା ନିମନ୍ତେ ଏକ ବ୍ୟବସ୍ଥା କରିଥିଲେ କିନ୍ତୁ ମୁସଲମାନ ଏଥିପ୍ରତି ଧ୍ୟାନ ଦେବାକୁ ପ୍ରସ୍ତୁତ ନୁହନ୍ତି ଏବଂ ଏହି କାରଣରୁ ମୁସଲମାନ ରାଷ୍ଟ୍ରମାନଙ୍କରେ ସବୁଠାରୁ ଅଧିକ ବିଭ୍ରାଟ ଓ ବିଶୃଙ୍ଖଳା ଦେଖିବାକୁ ମିଳୁଅଛି । ସେମାନଙ୍କ ଧାର୍ମିକ ଓ ସାଂସାରିକ ମାର୍ଗ ଦର୍ଶକମାନେ ସେମାନଙ୍କୁ ଅନ୍ଧାର ମଧ୍ୟକୁ ଧକ୍କା ଦେଇଚାଲିଛନ୍ତି ଏବଂ ଗୋଟିଏ ଦେଶରେ ରହୁଥିବା ଦେଶବାସୀ ପରସ୍ପରର ରକ୍ତ ପିପାସୁ ସାଜିଛନ୍ତି ଏହାର ସୁଯୋଗ ନେଇ ଅଣମୁସଲମାନ ଶକ୍ତିସମୂହ ମୁସଲମାନ ଗୋଷ୍ଠୀଙ୍କୁ ଲଢାଇବା ଏବଂ ନିଜ ସ୍ୱାର୍ଥ ହାସଲ କରିବା ନିମନ୍ତେ ଯୁଦ୍ଧ ସରଞ୍ଜାମ ସହିତ ସୈନ୍ୟବଳ ମଧ୍ୟ ସେମାନଙ୍କୁ ଯୋଗାଇ ଦେଉଛନ୍ତି । ଅତଃ ଏହା ଏକ ବହୁତ ବଡ଼ ଦୁଃଖଦ ପରିସ୍ଥିତି ଏବଂ ଏହା ଯେଉଁସ୍ଥଳେ ଆମକୁ ନିଜ ପାଇଁ ଓ ମୁସଲମାନମାନଙ୍କ ପାଇଁ ଦୁଆ କରିବା ପ୍ରତି ଧ୍ୟାନ ଆକର୍ଷିତ କରିବା ଉଚିତ୍ ସେହିସ୍ଥଳେ ଆମକୁ ଏହାର ମଧ୍ୟ ଆବଶ୍ୟକତା ରହିଛି କି ଆମେ ନିଜ କାର୍ଯ୍ୟକଳାପ ଓ ଆଧ୍ୟାତ୍ମିକ ଅବସ୍ଥାକୁ ଏପରି ଗଢି ତୋଳିବା ଯେପରିକି ହଜରତ ମସିହ ମଉଦ ଆ.ସ ଆମକୁ ଦେଖିବାକୁ ଚାହୁଁଥିଲେ କାରଣ ଯଦି ଆମର ଅମଳ ଏପରି ନୁହେଁ ଯେମିତିକି ଆପଣ ଦେଖିବାକୁ ଚାହୁଁଥିଲେ ତେବେ ଏହା ଅସମ୍ଭବ ନୁହେଁ କି ଆମେ ମଧ୍ୟ ସେହି ଗୋଷ୍ଠୀରେ ଅନ୍ତର୍ଭୁକ୍ତ ହେବା ଯେ କି ବିଭ୍ରାଟ ଓ ବିଶୃଙ୍ଖଳାରେ ଜଡ଼ିତ । ହଜରତ ମସିହ ମଉଦ ଆ.ସ ରୀତିମତ ଭାବରେ ଏବଂ ବାରମ୍ବାର ନିଜ ଜମାଅତର ସଦସ୍ୟମାନଙ୍କୁ ଉପଦେଶ

ପୂର୍ବକ କହିଛନ୍ତି କି ବୟତ କରିବା ଅନ୍ତେ ତୁମର ଅବସ୍ଥା କିପରି ହେବା ଉଚିତ୍ ? ଏଠାରେ ମୁଁ ହଜରତ ମସିହ ମଉଦ ଆ.ସଙ୍କ କେତେକ ତଥ୍ୟ ଉପସ୍ଥାପନ କରିବି ଯାହାକି ସେଥିପ୍ରତି ଆମର ଧ୍ୟାନ ଆକର୍ଷିତ କରୁଅଛି । ସୁତରାଂ ଆମକୁ ତାହା ଧ୍ୟାନପୂର୍ବକ ଶୁଣିବା ଉଚିତ୍, ଏପରି ମଣିବେ ନାହିଁ କି ପୂର୍ବରୁ ମୁଁ ଅନେକ ଥର ଏସବୁ ଶୁଣିନେଇଛି କିମ୍ବା ପାଠ କରିଅଛି । ହଜରତ ମସିହ ମଉଦ ଆ.ସ ଯେପରି ଭିନ୍ନ ଭିନ୍ନ ଶୈଳୀରେ ଏବଂ ବାରମ୍ବାର ଜମାଅତକୁ ନିଜ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ଗୁରୁତ୍ୱ ଆରୋପ କରିଛନ୍ତି ତାହା ଦର୍ଶାଉଅଛି କି ଆପଣଙ୍କୁ ନିଜ ଜମାଅତ ପାଇଁ କିଭଳି ଚିନ୍ତା ଥିଲା କି ଯେପରି ମୋର ମାନ୍ୟକାରୀ ନିଜର (ପ୍ରକୃତ) ଉଦ୍ଦେଶ୍ୟ ଭୁଲିନଯାନ୍ତୁ । ବୟତ କଲା ପରେ ସେମାନେ ପଥଚ୍ୟୁତ ହୋଇନଯାନ୍ତୁ ଏବଂ ସେମାନେ ଅନ୍ଧାର ଆଡ଼କୁ ବଢ଼ିବା ଆରମ୍ଭ କରିନଦିଅନ୍ତୁ

ହଜରତ ମସିହ ମଉଦ ଆ.ସ କୁହନ୍ତି- ଆମ ଜମାଅତ ପାଇଁ ଆବଶ୍ୟକ କି ଏହି ସଂଙ୍କଟାପର୍ଣ୍ଣ ଯୁଗରେ ଯେତେବେଳେ କି ପ୍ରତ୍ୟେକ ସ୍ଥଳେ ଅଜ୍ଞାନ ଓ ଅନ୍ଧକାରର ବାୟୁ ପ୍ରବାହିତ ହେଉଅଛି, ଏପରି ପରିବେଶରେ ଧର୍ମପରାୟଣ ହୁଅ । ସଂସାରର ଅବସ୍ଥା ଏପରି ଅଟେ କି ଅଲ୍ଲାଃତାଲାଙ୍କ ଆଦେଶର ମର୍ଯ୍ୟାଦା ହାନି ଘଟିଛି ଅଧିକାର ଓ ଇଛାପତ୍ରର ଖାତିର୍ କରାଯାଉ ନାହିଁ । ନା ଏହା ଜଣାଅଛି କି ଆମର କ'ଣ ଅଧିକାର ରହିଛି ଓ ଆମେ କିଭଳି (ନିଜର କର୍ତବ୍ୟ) ସମ୍ପାଦନ କରିବା ନା ଯାହା (କରିବାକୁ) ନିର୍ଦ୍ଦେଶ ଦିଆଯାଇଛି ସେଥିପ୍ରତି କୌଣସି ପ୍ରକାର ଆଗ୍ରହ ଅଛି । ସଂସାର ପ୍ରାପ୍ତି ଓ କାମନା ପୂରଣ କରିବାରେ ଆବଶ୍ୟକତା ଠାରୁ ଅଧିକ ମନଯୋଗ କରାଯାଉଅଛି । ସେଥିରେ ତିଳେ ମାତ୍ର କ୍ଷତି ଘଟିଲେ ଧର୍ମକୁ ସମ୍ପୂର୍ଣ୍ଣ ରୂପେ ହାତଛଡ଼ା କରିଦିଆଯାଉଛି ଏବଂ ଅଲ୍ଲାଃତାଲାଙ୍କ ଅଧିକାର ସମ୍ପାଦନ କରିବାକୁ ପଛରେ ଛାଡ଼ି ଦିଆଯାଉଅଛି । ଲୋଭ ଓ ଉଦ୍ଦେଶ୍ୟ ପୂରଣ କରିବା ଲାଳସାରେ ପରସ୍ପର ସହ ସମ୍ପର୍କ ସ୍ଥାପନ କରାଯାଉଅଛି । ମାନବ ଇନ୍ଦ୍ରିୟ ଆବେଗ ସମ୍ମୁଖରେ (ସର୍ବଦା) ବହୁତ ଦୁର୍ବଳ ପଡ଼ିଯାଇଥାଏ । ସାମାନ୍ୟ କଥାରେ ମଣିଷର କାମନା ତାହାକୁ ନିଜ ବଶଃବର୍ତୀ କରୁଅଛି । ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ମଣିଷକୁ ଦୁର୍ବଳ କରି ରଖିଥାନ୍ତି ସେ ଅପକର୍ମ କରିବାର ସାହସ କରିନଥାଏ କିନ୍ତୁ ଯେତେବେଳେ ତାହାର ଦୁର୍ବଳତା ସାମାନ୍ୟ ଦୂର ହୁଏ ଓ ଅପକର୍ମ କରିବାର ତାହାକୁ ସୁଯୋଗ ମିଳେ ସେତେବେଳେ ସେ ସଙ୍ଗେସଙ୍ଗେ ତାହା କରିବସେ । ଆପଣ କୁହନ୍ତି ଆଜି ଏହି ଯୁଗରେ ପ୍ରତ୍ୟେକ ସ୍ଥାନ ଲକ୍ଷ କରିନିଅ ତୁମେ ଜାଣିପାରିବ ଯେ, ପ୍ରକୃତ ଧର୍ମପରାୟଣତା ଓ ବିଶ୍ୱାସ ଉଠିଯାଇଛି କିନ୍ତୁ ଯେହେତୁ ଅଲ୍ଲାଃତାଲା ଧାର୍ଯ୍ୟ କରିଛନ୍ତି କି ସେମାନଙ୍କ ଈଶ୍ୱର ଭୟ ଓ ବିଶ୍ୱାସକୁ ନଷ୍ଟ କରିବେ ନାହିଁ । ଯେତେବେଳେ ସେ ଦେଖିଥାନ୍ତି କି ବର୍ତମାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାକୁ ବସିଲାଣି ସେତେବେଳେ ସେ ଆହୁରି ଫସଲ ଉତ୍ପନ୍ନ କରିଦେଇଥାନ୍ତି । ଆପଣ କୁହନ୍ତି ସେହି ସତେଜ ଓ ସ୍ପଷ୍ଟ କୋରାନ ସମ୍ବନ୍ଧରେ ଯେପରିକି ଅଲ୍ଲାଃତାଲା କହିଛନ୍ତି- **ଇନ୍ନା ନହ୍‌ନୁ ନୟଯଲ୍‌ନୟ୍ ଯିକ୍‌ରା ଓ୍ୱ ଇନ୍ନା ଲହୁ ଲାହାଫିଜୁନ୍** ଅର୍ଥାତ ଆମେ ହିଁ ଏହି ଧର୍ମଗ୍ରନ୍ଥକୁ ଅବତୀର୍ଣ୍ଣ କରିଅଛୁ ଏବଂ ଆମେ ହିଁ ତାହାର ସୁରକ୍ଷା କରିବୁ । ହଜୁର ଆ.ସ କୁହନ୍ତି ହଦିସ୍‌ର ମଧ୍ୟ ଅନେକ ଅଂଶ ଆମ ନିକଟରେ ରହିଛି । ଅଲ୍ଲାଃଙ୍କ ବିଭୂତି ମଧ୍ୟ ରହିଛି କିନ୍ତୁ ବିଶ୍ୱାସ ଓ ଅମଳ ନାହିଁ । ଅଲ୍ଲାଃତାଲା ମୋତେ ଏଥିନିମନ୍ତେ ପ୍ରେରଣ କରିଛନ୍ତି କି ଉକ୍ତ ଅମଳଗୁଡ଼ିକୁ ପୁନର୍ବାର ପ୍ରକାଶ କରିଦେଖାଇବି । ଅଲ୍ଲାଃତାଲାଙ୍କ ଈଶ୍ୱର ହେବା କଦାପି ପସନ୍ଦ କଲା ନାହିଁ କି ଉକ୍ତ ସ୍ଥାନ ଖାଲି ରହିଯାଉ । ଯଦି ଅପକର୍ମ ନିଜର ପସରା ବିସ୍ତାର କରିଚାଲିଛି ତେବେ ଅଲ୍ଲାଃତାଲାଙ୍କ ସ୍ୱାଭିମାନ ଓ ଐଶ୍ୱର୍ଯ୍ୟ ଆବଶ୍ୟକ କଲା କି ଏହି ମଇଦାନ୍‌ରେ ପୁନର୍ବାର ଏଭଳି ଲୋକମାନଙ୍କୁ ପୂରଣ କରିଦିଆଯାଉ ଯେ ଧର୍ମକୁ ସଂସାର ଉପରେ ପ୍ରାଥମିକତା ଦେଉଥିବେ । ଧର୍ମକୁ ପ୍ରତିଷ୍ଠିତ ରଖିବା ଓ ତାହାର ପ୍ରଚାର ପ୍ରସାର କରିବା ସହିତ ତାହାର ନିର୍ଦ୍ଦେଶ ମୁତାବକ ଅମଳ କରିବେ ଏବଂ **ଏଥିନିମନ୍ତେ ଆମେ ପ୍ରଚାର କାର୍ଯ୍ୟ କରୁଅଛୁ କି ଆମକୁ ଧର୍ମପରାୟଣ ଜୀବନ ହାସଲ ହେଉ ।**

ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ଯଦି ଅନ୍ତରରୁ ବୟତ କରିଅଛ ତେବେ ଜୀବନ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୁଅ ନଚେତ୍ କୌଣସି ଉପକାର ମିଳିବ ନାହିଁ । ଇସଲାମର ସତ୍ୟାସତ୍ୟ କ'ଣ ଏବଂ ତାହାକୁ ଆମେ କିଭଳି ହାସଲ କରିପାରିବା । ଏଥିସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ କୁହନ୍ତି-

ଇସଲାମ ଅର୍ଥ ସପୂର୍ଣ୍ଣ ରୂପେ ଅଲ୍ଲାଃତାଲାଙ୍କ ଅଧିନରେ ଚାଲିଯିବା ଏବଂ ଏହାର ସାରାଂଶ ଅଲ୍ଲାଃତାଲାଙ୍କ ପ୍ରକୃତ ଆଜ୍ଞାବହ ଓ ପୂର୍ଣ୍ଣ ଅନୁକରଣ କରିବା ଅଟେ । ମୁସଲମାନ ସେ ଯେ ନିଜର ଅସ୍ତିତ୍ୱକୁ ଅଲ୍ଲାଃତାଲାଙ୍କ ନିକଟରେ ସମ୍ପୂର୍ଣ୍ଣ ରୂପେ ସମର୍ପଣ କରି ଦେଇଥାଏ । **ମନ୍ ଅସ୍‌ଲମା ଓ୍ୱଜହହୁ ଲିଲ୍ଲାହି ଓ୍ୱ ହୁଓ୍ୱା ମୁହ୍‌ସିନୁନ୍** ଅର୍ଥାତ ମୁସଲମାନ ସେ ଯେ ନିଜର ପୂର୍ଣ୍ଣ ଅସ୍ତିତ୍ୱ ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା ଉଦ୍ଦେଶ୍ୟରେ ଉତ୍ସର୍ଗ କରିଦିଏ ଏବଂ ଆସ୍ଥା ଓ ଅମଳ କ୍ଷେତ୍ରରେ ତାହାର ଉଦ୍ଦେଶ୍ୟ ଓ ଲକ୍ଷ କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଲାଭ କରିବା ହୋଇଥାଏ ଏବଂ ସମସ୍ତ ପ୍ରକାର ପୁଣ୍ୟକର୍ମ ଓ ଉତମ ଅମଳ ଯାହାକି ତାହା ଦ୍ୱାରା ସମ୍ପାଦିତ

ହୋଇଥାଏ ତାହା କଷ୍ଟ ଓ କଠିନ ପରିଶ୍ରମ ବ୍ୟତୀତ ହୋଇନଥାଏ ଏବଂ ଅଲ୍ଲାଃତାଲାଙ୍କ ପ୍ରେମକୁ କଦାପି କୌଣସି ପ୍ରକାରରେ ଛାଡ଼ିନଥାଏ । ଏହା ଅଟେ ଅଲ୍ଲାଃଙ୍କ ସହ ନିଷ୍କାପର ପ୍ରେମ ଯାହାକି ଆପଣ (ସମସ୍ତଙ୍କ ମଧ୍ୟରେ) ସୃଷ୍ଟି କରିବାକୁ ଚାହୁଁଥିଲେ । କିଛି ହାସଲ ନହେଲେ ମଧ୍ୟ ଅଲ୍ଲାଃଙ୍କ ସହ ପ୍ରେମ, ତାଙ୍କର ଉପାସନା, ତାଙ୍କ ସହ ସମ୍ପର୍କ ଓ ତାଙ୍କ ଆଜ୍ଞାବହ ହେବାରେ ନିଜକୁ ଶେଷ କରିବା ଏବଂ ଏହା କିଛି ପାଇବା କିମ୍ବା ହାସଲ କରିବା ଲାଳସାରେ କରାଯାଇ ନଥାଏ ବରଂ ସେ ନିଜ ଅସ୍ତିତ୍ୱକୁ ଏପରି ମନେକରିଥାଏ କି ବାସ୍ତବରେ ତାହାକୁ ଅଲ୍ଲାଃଙ୍କୁ ଚିହ୍ନିବା ଓ ତାଙ୍କ ସହ ପ୍ରେମ ତଥା ତାଙ୍କ ଆଜ୍ଞାକାରୀ ହେବା ନିମନ୍ତେ ସୃଷ୍ଟି କରାଯାଇଅଛି ଏତତ୍ ବ୍ୟତୀତ ତାହାର ଅନ୍ୟ କୌଣସି ଉଦ୍ଦେଶ୍ୟ ହିଁ ନାହିଁ । ଏଥିପାଇଁ ସେ ନିଜ ଈଶ୍ୱର ପ୍ରଦତ୍ତ ଶକ୍ତି ଓ ସାମର୍ଥ୍ୟକୁ ଯେତେବେଳେ ଏହି ଉଦ୍ଦେଶ୍ୟ ଓ ଲକ୍ଷ ହାସଲ କରିବାରେ ବିନିଯୋଗ କରେ ସେତେବେଳେ ତାହାକୁ ନିଜ ସୃଷ୍ଟିକର୍ତାର ଚେହେରା ଦୃଶ୍ୟମାନ ହୋଇଥାଏ

ହଜୁର ଅନଓ୍ୱର ଅ.ବ କହିଲେ– ହଜରତ ମସିହ ମଉଦ ଆ.ସ ଏକଥା ବେଶ୍ ସ୍ପଷ୍ଟ ଭାବରେ ବର୍ଣ୍ଣନା କରିଛନ୍ତି କି ଅଲ୍ଲାଃତାଲାଙ୍କ ଆଦେଶର ପୂର୍ଣ୍ଣ ଆଜ୍ଞାକାରୀ ହେବା ଓ କେବଳ ତାଙ୍କ ପ୍ରସନ୍ନତା ଲାଭ କରିବା କୌଣସି ସାଧାରଣ କାର୍ଯ୍ୟ ନୁହେଁ । ଏହା ଏପରି କାର୍ଯ୍ୟ ଅଟେ ଯେଉଁଥିପାଇଁ ପୂର୍ଣ୍ଣ ପ୍ରୟାସ ଆବଶ୍ୟକ ତେବେଯାଇ ଆମେ ଅହେମଦି ହେବାର ଉଦ୍ଦେଶ୍ୟ ହାସଲ କରିପାରିବା । ଅତଃ ଆପଣ କୁହନ୍ତି– ଯେଉଁ ବ୍ୟକ୍ତି ପୂର୍ଣ୍ଣ ଆଜ୍ଞାକାରୀ ନୁହେଁ ସେ ଏହି ଜମାଅତକୁ ବଦ୍‌ନାମ କରୁଅଛି । ମନେରଖ କଦାପି ଗୋଟିଏ କାର୍ଯ୍ୟ କରିବାର ଆଦେଶ ଦିଆଯାଇନଥାଏ ବରଂ ଅନେକଗୁଡ଼ିଏ (କାର୍ଯ୍ୟ ସମ୍ପାଦନ କରିବାର ଆଦେଶ) ଥାଏ, **ଯେପରି ବୈକୁଣ୍ଠରେ ପ୍ରବେଶ କରିବାର ଅନେକ ଦ୍ୱାର ରହିଛି, କିଏ କେଉଁ ଦ୍ୱାର ମଧ୍ୟଦେଇ ପ୍ରବେଶ କରିଥାଏ ସେହିପରି ନର୍କର ମଧ୍ୟ ଅନେକ ଦ୍ୱାର ରହିଛି । ଏପରି ନହୁଏ କି ତୁମେ ନର୍କର ଗୋଟିଏ ଦ୍ୱାର ତ ବନ୍ଦ କରିଦିଅ କିନ୍ତୁ ଅନ୍ୟ ଦ୍ୱାରଟି ଖୋଲା ରଖିଦିଅ । ଆପଣ କୁହନ୍ତି ମନେରଖ କେବଳ (ଅହେମଦି ହେବାର) ନାମ ରଖିଦେଲେ କୌଣସି ବ୍ୟକ୍ତି ଜମାଅତରେ ଅନ୍ତର୍ଭୁକ୍ତ ହୋଇଯାଇନଥାଏ** । ପରସ୍ପରକୁ ପ୍ରେମ କର, ପରସ୍ପରର ଅଧିକାର ମାର ନାହିଁ । ଅଲ୍ଲାଃଙ୍କ ମାର୍ଗରେ ପାଗଳ ପରି ହୋଇଯାଅ ଯଦ୍ୱାରା ଅଲ୍ଲାଃ ତୁମ ଉପରେ ନିଜର କୃପା ବର୍ଷଣ କରିବେ ।

ହଜରତ ମସିହ ମଉଦ ଆ.ସ ଗୋଟିଏ ସ୍ଥାନରେ ଜମାଅତକୁ ଧର୍ମପରାୟଣତାର ଗୁରୁତ୍ୱ ପ୍ରତି ଧ୍ୟାନ ଆକର୍ଷିତ କରି କୁହନ୍ତି– ଅଲ୍ଲାଃତାଲା ଆମକୁ ଏହି କାର୍ଯ୍ୟ ସମ୍ପାଦନ କରିବାର ନିର୍ଦ୍ଦେଶ ଦେଇଛନ୍ତି କି ଧର୍ମପରାୟଣତାର ସ୍ଥାନ ଖାଲି ରହିଯାଇଛି । ଧର୍ମର ପ୍ରଚାର ପ୍ରସାର କର, (ଲୋକମାନଙ୍କ) ପ୍ରଶିକ୍ଷଣ କର ଏବଂ ସର୍ବପ୍ରଥମେ ନିଜେ ଧର୍ମପରାୟଣ ହୁଅ । ହୃଦୟରେ ଈଶ୍ୱରଭୟକୁ ସ୍ଥାନ ଦେଲେଯାଇ ସମସ୍ତ ନିର୍ଦ୍ଦେଶାବଳୀ ଧିରେ ଧିରେ ସମ୍ପାଦନ ହୋଇଥାଏ । ଯଦି ତୁମେ ଈଶ୍ୱରଭୟ ରଖିବ ତେବେ ସମଗ୍ର ବିଶ୍ୱ ତୁମ ସାଥିରେ ଛିଡ଼ାହେବ । ଅତଃ ଈଶ୍ୱରଭୟ ଉତ୍ପନ୍ନ କର । ଯେଉଁମାନେ ମଦ୍ୟପାନ କରିଥାନ୍ତି କିମ୍ବା ଯେଉଁମାନଙ୍କ ଧର୍ମରେ ମଦ୍ୟପାନ କରିବା ମୂଖ୍ୟ କାର୍ଯ୍ୟ ଅଟେ ସେମାନଙ୍କ ଭିତରେ ଈଶ୍ୱରଭୟ ଆଦୌଁ ନଥାଏ । ସେମାନେ ପୁଣ୍ୟକର୍ମ ସହ ଯୁଦ୍ଧ କରିଥାନ୍ତି । ସୁତରାଂ ଯଦି ଅଲ୍ଲାଃତାଲା ଆମ ଜମାଅତକୁ ଏହି ସୌଭାଗ୍ୟ ଓ ଶକ୍ତି ପ୍ରଦାନ କରନ୍ତି କି ଆମେମାନେ ଅପକର୍ମ ସହ ଯୁଦ୍ଧ କରିବା ଏବଂ ପବିତ୍ରତା, ଧର୍ମପରାୟଣତା କ୍ଷେତ୍ରରେ ଉନ୍ନତି କରିବା ତେବେ ଏହା ହିଁ ସବୁଠାରୁ ବଡ଼ ସଫଳତା ଅଟେ ଏବଂ ଆ'ଠାରୁ ବଳି କୌଣସି କାର୍ଯ୍ୟ ପ୍ରଭାବଶାଳୀ ହୋଇନପାରେ । ଆପଣ କୁହନ୍ତି ବର୍ତମାନ ସମଗ୍ର ବିଶ୍ୱର ବିଭିନ୍ନ ଧର୍ମକୁ ଦେଖିନିଅ କୌଣସି ଧର୍ମରେ ହେଲେ ଈଶ୍ୱରଭୟ ନାହିଁ, ସମସ୍ତେ ସାଂସାରିକ ମର୍ଯ୍ୟାଦାକୁ ନିଜର ପରମେଶ୍ୱର ମଣି ନେଇଛନ୍ତି । ପ୍ରକୃତ ଅଲ୍ଲାଃତାଲା ଲୁଚିଯାଇଛନ୍ତି ଏବଂ ପ୍ରକୃତ ଅଲ୍ଲାଃଙ୍କ ମର୍ଯ୍ୟାଦା ହାନି ଘଟିଛି କିନ୍ତୁ ବର୍ତମାନ ଅଲ୍ଲାଃ ଇଚ୍ଛା ପ୍ରକାଶ କରିଛନ୍ତି କି ସେ ସ୍ୱୟଂ ସ୍ୱୀକୃତି ଅର୍ଜନ କରିବେ ଏବଂ ସଂସାରବାସୀ ତାଙ୍କୁ ଚିହ୍ନିବେ । ଯେଉଁମାନେ ସଂସାରକୁ ନିଜର ପ୍ରଭୁ ମଣି ବସିଛନ୍ତି ସେମାନେ ବିଶ୍ୱାସୀ ହୋଇପାରିବେ ନାହିଁ । ଅତଃ ପ୍ରତ୍ୟେକ ନିଜ ନିଜର ଆତ୍ମମନ୍ଥନ କରିବା ଆବଶ୍ୟକ କି ଆମେ ଅଲ୍ଲାଃତାଲାଙ୍କ କର୍ତବ୍ୟ ସମ୍ପାଦନ କରିବା ପରିବର୍ତେ ସଂସାର ପ୍ରାପ୍ତି କରିବାରେ ଚେଷ୍ଟାରତ ତ ନୁହଁ । ଯଦି ଅଲ୍ଲାଃଙ୍କ ଅଧିକାର ପ୍ରଦାନ କରିବାର ଅଛି ତେବେ ଧର୍ମକୁ ପ୍ରାଥମିକତା ଦେବାକୁ ହେବ ଏବଂ ସାଂସାରିକ କାମନା ତଥା ଆଶା ଅଭିଳାଷାକୁ ପଛରେ ଛାଡ଼ିବାକୁ ହେବ । ଅତଃ ଏହି ଦୃଶ୍ୟ ଆମକୁ ଦେଖିବାର ଅଛି କି ଆମେ ଧର୍ମକୁ ପ୍ରାଥମିକତା ଦେଉଅଛେ ଅବା ଆମ ଧର୍ମ ଉପରେ ସଂସାର ବସାବାନ୍ଧି ବସିଛି । ଆମେ ଧର୍ମପରାୟଣତାରେ ଉନ୍ନତି କରୁଅଛେ ଅବା ତାହାର ସ୍ତର ଆମ ମଧ୍ୟରେ ନିମ୍ନଗାମୀ ଅଟେ । ଆପଣ କୁହନ୍ତି ଭାଗ୍ୟବନ୍ତର କର୍ତବ୍ୟ କି ସେ ଧର୍ମ (ଈଶ୍ୱର) ପ୍ରାପ୍ତିରେ ଲାଗି ରହିବ । ଆମ ନବୀ ଶିରୋମଣୀଙ୍କ ଠାରୁ ବଳି କୌଣସି ମଣିଷ ପୂର୍ଣ୍ଣତାର ଗୌରବ ଅର୍ଜନ କରି ନାହିଁ କିନ୍ତୁ ଆପଣଙ୍କୁ ମଧ୍ୟ **ରବ୍‌ବେ ଜିଦ୍‌ନି ଇଲ୍‌ମା**ର ଦୁଆ ଶିକ୍ଷା ଦିଆଗଲା । ତେବେ ଆମ୍ଭମାନେ ଛାର କିଏ ଯେ ନିଜ ଜ୍ଞାନ ଓ ବୁଦ୍ଧି ଉପରେ ପୂର୍ଣ୍ଣ ଭରଷା କରି ନିଶ୍ଚିନ୍ତ

ହୋଇଯିବା ଏବଂ ଆସନ୍ତାରେ ଉନ୍ନତିର ଆବଶ୍ୟକତା ମଣିବା ନାହିଁ । ଯେପରି ଯେପରି ମଣିଷ ନିଜ ବୁଦ୍ଧି ଓ ଜ୍ଞାନରେ ଉନ୍ନତି କରେ, ସେ ହୃଦୟଙ୍ଗମ କରିଥାଏ କି ବର୍ତମାନ ମଧ୍ୟ ଆହୁରି ଅନେକ କିଛି ଜାଣିବାର ଅଛି ।

ହଜୁର ଆ.ସ କୁହନ୍ତି– ତୁମେ ଅନେକ ମନ୍ଦଅଭ୍ୟାସ ଓ ଅପକର୍ମକୁ ପରିହାର କରି ଏହି ଜମାଅତକୁ ସ୍ୱୀକାର କରିଛ, ଯଦି ତୁମେ ଏହା ବାବଦରେ ସମସ୍ତ ଜ୍ଞାନ ହାସଲ ନକର ତେବେ ଏହାର ଅନ୍ତର୍ଭୁକ୍ତ ହୋଇ ତୁମକୁ କ'ଣ ଲାଭ ହେଲା । ଯେପରିକି ପବିତ୍ର କୋରାନ ଉପରେ ଅନୁଧ୍ୟାନ କରିବାକୁ ହଜରତ ମସିହ ମଉଦ ଆ.ସ ନିର୍ଦ୍ଦେଶ ଦେଇଛନ୍ତି ସେହିପରି ଆପଣଙ୍କ ଦ୍ୱାରା ଲିଖିତ ପୁସ୍ତକଗୁଡ଼ିକୁ ଅଧ୍ୟୟନ କରିବା ଏବଂ ନିଜ ଧାର୍ମିକ ଜ୍ଞାନରେ ଅଭିବୃଦ୍ଧି କରିବା ପ୍ରତି ଚେଷ୍ଟା କରିବା ଉଚିତ୍ । ଏଥିନିମନ୍ତେ ଅଲ୍ଲାଃତାଲା M.T.A ରୂପକ ଯେଉଁ ପୁରସ୍କାର ପ୍ରଦାନ କରିଛନ୍ତି ସେଥିମାଧ୍ୟମରେ (ଖିଲାଫତ୍ ସହ) ସମ୍ପର୍କ ସ୍ଥାପନ କରିବା ଏବଂ ଖଲିଫାଙ୍କର ସମସ୍ତ କାର୍ଯ୍ୟକ୍ରମରୁ ଉପକୃତ ହେବା ଉଚିତ୍ । ଏହା ଏକ ବହୁତ ବଡ଼ ମାଧ୍ୟମ ଯେଉଁଥିରୁ ପ୍ରତ୍ୟେକ ଅହେମଦି ଉପକୃତ ହେବା ଉଚିତ୍ । ପରସ୍ପରକୁ ସ୍ନେହ, ଆଦର ତଥା ପ୍ରେମ କରିବା, ପରସ୍ପରର କଷ୍ଟକୁ ବୁଝିବା ଏବଂ ପରସ୍ପରର କର୍ତବ୍ୟ ସମ୍ପାଦନ କରିବା ପ୍ରତି ଧ୍ୟାନ ଆକର୍ଷିତ କରି ହଜରତ ମସିହ ମଉଦ ଆ.ସ କୁହନ୍ତି–

ଅସଲ କଥା ଏହି କି ଯେ, ଅନ୍ତରରୁ ପ୍ରତ୍ୟେକ ଲୋକ ଗୋଟିଏ ସ୍ତରର ହୋଇନଥାନ୍ତି । ଅତଃ ଏହି ପନ୍ଥା ଅବଲମ୍ବନ କରିବା ଆବଶ୍ୟକ କି ଦୁର୍ବଳ ଭାଇମାନଙ୍କୁ (ସବଳମାନେ) ସାହାଯ୍ୟ କରିବା ସହିତ ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରିବେ । ପବିତ୍ର କୋରାନରେ ବର୍ଣ୍ଣିତ ଅଛି **ଓ୍ୱ ତାଓ୍ୱନୁ ଅଲଲ୍ ବିର୍‌ରି ଓ୍ୱତ୍‌ତକଓ୍ୱା** ଅର୍ଥାତ ଧର୍ମପରାୟଣ ଓ ପୁଣ୍ୟକର୍ମରେ ପରସ୍ପରକୁ ସାହାଯ୍ୟ କର । ଆପଣ କୁହନ୍ତି ଦୁର୍ବଳ ଭାଇମାନଙ୍କ ଭାର ବହନ କର ଏବଂ ଅମଳ, ବିଶ୍ୱାସ ଓ ଅଭାବିମାନଙ୍କୁ ସାହାଯ୍ୟ ପ୍ରଦାନ କରିବାରେ ସାମିଲ ହୋଇଯାଅ । ଆପଣ କୁହନ୍ତି କୌଣସି ଜମାଅତ ସେପର୍ଯ୍ୟନ୍ତ ଜମାଅତ ହୋଇନଥାଏ ଯେପର୍ଯ୍ୟନ୍ତ ସବଳମାନେ ଦୁର୍ବଳମାନଙ୍କୁ ସାହାରା ଦେବାକୁ ମନବଳାଇ ନଥାନ୍ତି ଏବଂ ତାହା ସେମାନଙ୍କ ଦୋଷତ୍ରୁଟିକୁ ଅଣଦେଖା କରିବା ଅଟେ । ସାହାବାମାନଙ୍କୁ ଏହି ଶିକ୍ଷା ଦିଆଯାଇଥିଲା କି ନୂତନ ମୁସଲମାନମାନଙ୍କ ଦୋଷତ୍ରୁଟି ଦେଖି ଚିଡ଼ିଯାଅ ନାହିଁ । କାରଣ (ପ୍ରାରମ୍ଭରେ) ତୁମମାନଙ୍କ ମଧ୍ୟରେ ସେହିପରି ଦୁର୍ବଳତା ରହିଥିଲା । ଆପଣ ଆହୁରି କହିଲେ କି ସେହି ଜମାଅତ, ଜମାଅତ ହୋଇପାରେ ନା ଯେ ପରସ୍ପରକୁ ନାଶ କରିଥାଏ ଯେତେବେଳେ ଚାରିଜଣ ମିଳିବସି ନିଜ ଦୁର୍ବଳ ଭାଇର ଚୁଗୁଲି କରନ୍ତି । ଏକତ୍ରିତ ହେଲେ ତ ଶକ୍ତି ବୃଦ୍ଧି ଘଟିଥାଏ ଏବଂ ଏକତା ସୁଦୃଢ ହୁଏ ଯଦ୍ୱାରା ଭଲପାଇବା ଓ ବରକତ୍‌ର ଆରମ୍ଭ ହୋଇଥାଏ । **ତେଣୁ ଛୋଟ ଛୋଟ କଥାକୁ ଧରିବସ ନାହିଁ ଯାହାକି ମନମାଳିନ୍ୟ ଓ ବିଚ୍ଛେଦ ସୃଷ୍ଟି କରିବାର କାରଣ ସାଜିଥାଏ ।**

ପୁଣି ଭାତୃଭାବ ଓ ସହାନୁଭୂତି ପ୍ରଦର୍ଶନ କରିବା ସଂକ୍ରାନ୍ତରେ ଉପଦେଶ ଦେଇ ଆପଣ କୁହନ୍ତି– ଆମ ଜମାଅତ ସଜୀବଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବ ନାହିଁ ଯେପର୍ଯ୍ୟନ୍ତ ପରସ୍ପର ସହ ପ୍ରକୃତ ସହାନୁଭୂତି ପ୍ରଦର୍ଶନ କରି ନାହିଁ । ଯାହାକୁ ମଧ୍ୟ ଶକ୍ତି ପ୍ରାପ୍ତ ହୁଏ ସେ ଦୁର୍ବଳ ସହ ପ୍ରେମ ସମ୍ପର୍କ ସ୍ଥାପନ କରୁ । ଯେତେବେଳେ ମୁଁ ଶୁଣିଥାଏ କି କୌଣସି ବ୍ୟକ୍ତି କାହାର ଦୋଷତ୍ରୁଟି ଦେଖି ତାହା ସହ ଉତମ ଆଚରଣ କରିନଥାଏ ବରଂ ଘୃଣା ଓ ଦୂରତା ରକ୍ଷା କରେ ଯେତେବେଳେ କି ତାହା ପାଇଁ ଦୁଅ (କରିବା) ଆବଶ୍ୟକ ଏବଂ ତାହାକୁ ପ୍ରେମ, ନମ୍ର ଓ ଶିଷ୍ଟାଚାରିତାର ସହ ବୁଝାଇବା ପରିବର୍ତେ (ସେ) ଈର୍ଷାରେ ବଢ଼ିଯାଇଥାଏ । ଯଦି କ୍ଷମା, ସହାନୁଭୂତି ପ୍ରଦର୍ଶନ କରାନଯାଏ ତେବେ ଏଭଳି ଆଚରଣ କରି ଶେଷରେ ଜଣେ ସମ୍ପୂର୍ଣ୍ଣ ରୂପେ ଅପକର୍ମି ପାଲଟି ଯାଇଥାଏ । ପ୍ରକୃତ ଜମାଅତ ସେତେବେଳେ ଗଢ଼ିଉଠିବ ଯେତେବେଳେ ଜଣେ ଅନ୍ୟ ଜଣ ସହ ସହାନୁଭୂତି ଓ ତାହା ଦୋଷତ୍ରୁଟିକୁ ଅଣଦେଖା କରିବ । ଆପଣ କୁହନ୍ତି ଅଲ୍ଲାଃଙ୍କ ଉପରେ ମୋର ଅନେକ ଆଶା ଅଛି ଯେପରିକି ସେ ମୋ ସହ ପ୍ରତିଶୃତି କରିଛନ୍ତି କି **ଜାଇଲୁଲ୍ ଲଜିନତ୍ ତବଉକା ଫୌକଲ୍ ଲଜିନା କଫରୁ ଇଲା ୟୋମିଲ୍ କୟାମାଃ** ଅର୍ଥାତ ଅବିଶ୍ୱାସକାରୀମାନଙ୍କ ଠାରୁ ତୁମକୁ ସେମାନଙ୍କ ଅପବାଦରୁ ପବିତ୍ର କରିବୁ ଏବଂ ତୁମର ଅନୁଗାମୀମାନଙ୍କୁ କୟାମତ ପର୍ଯ୍ୟନ୍ତ ସେମାମାନଙ୍କ ଉପରେ ପ୍ରାଧାନ୍ୟ ଦେବୁ ।

ହଜୁର ଅନଓ୍ୱର ଅ.ବ କହିଲେ– ଆଜିକାଲି ବିଶେଷ କରି ପାକିସ୍ତାନର ଅହେମଦିମାନଙ୍କୁ ଏଥିପ୍ରତି ନଜର ରଖିବା ଉଚିତ୍ ଯେ, ସେମାନଙ୍କର ଏପରି ଦୁର୍ବଳ ଅବସ୍ଥା ଓ ପ୍ରଶାସନ, ନ୍ୟାୟାଳୟ ତଥା କାର୍ଯ୍ୟକାରୀ ସଂସ୍ଥା ସଭିଏଁ ସେମାନଙ୍କ ବିରୁଦ୍ଧରେ ପୂର୍ବ ଅପେକ୍ଷା ଅଧିକ (କଠୋର) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ଅତଃ ଏହି ଦିନମାନଙ୍କରେ ବିଶେଷକରି ନିଜ ଅବସ୍ଥାରେ ପରିବର୍ତନ ଆଣିବାକୁ ଚେଷ୍ଟା କରନ୍ତୁ । ହଜରତ ମସିହ ମଉଦ ଆ.ସ କୁହନ୍ତି– ବର୍ତମାନ ତୁମମାନଙ୍କ ମଧ୍ୟରେ ଏକ ନୂତନ ଗୋଷ୍ଠୀ ଓ ନୂତନ ଭାଇଚାରାର ଭିତି ସ୍ଥାପନ ହୋଇଛି । ପୂର୍ବ ଗୋଷ୍ଠୀସମୂହକୁ ଖାରଜ କରିଦିଆଯାଇଛି । ଅଲ୍ଲାଃତାଲା ଏହି ନୂତନ ଜମାଅତ ଗଠନ

କରିଛନ୍ତି ଯେଉଁଥିରେ ଧନୀ, ଗରିବ, ବାଳକ, ଯୁବକ, ବୃଦ୍ଧା ସମସ୍ତ ଶ୍ରେଣୀର ଲୋକେ ସାମିଲ ଅଛନ୍ତି । ସୁତରାଂ ଗରିବମାନଙ୍କ କର୍ତବ୍ୟ କି ସେମାନେ ନିଜ ସମ୍ମାନୀୟ ଭାଇମାନଙ୍କ ମାନ ରକ୍ଷା କରନ୍ତୁ ଏବଂ ସେମାନଙ୍କୁ ସମ୍ମାନ ପ୍ରଦାନ କରନ୍ତୁ । ଧନୀକ ଶ୍ରେଣୀର କର୍ତବ୍ୟ କି ସେମାନେ ଗରିବମାନଙ୍କୁ ସାହାଯ୍ୟ କରନ୍ତୁ ନା କି ସେମାନଙ୍କୁ ଦରିଦ୍ର ଓ ନିର୍ଲଯ ମନେକରନ୍ତୁ । ଆପଣ କୁହନ୍ତି **କଶତି ନୁହ୍‌ର** ବାରମ୍ବାର ଅଧ୍ୟୟନ କର ଏବଂ ତଦନୁଯାୟୀ ନିଜକୁ ଗଢିତୋଳ । **କଦ୍ ଅଫଲାହା ମନ୍ ଯକ୍‌କାହା** ଅର୍ଥାତ ଯେ ନିଜକୁ ପବିତ୍ର କରିନେଲା ସେ ସଫଳ ହୋଇଗଲା । କଶତି ନୁହ୍‌ରେ ମୁଁ ନିଜ ଶିକ୍ଷା ଦରଜ କରିଅଛି । ଉକ୍ତ ଶିକ୍ଷା ସମ୍ବନ୍ଧରେ ସମସ୍ତେ ଅବଗତ ହେବା ଜରୁରୀ ଅଟେ । ଆବଶ୍ୟକ କି ପ୍ରତ୍ୟେକ ସହରର ଜମାଅତ ଜଲସା କରି ସମସ୍ତଙ୍କୁ ଶୁଣାନ୍ତୁ । ଏପରି (ଆମ) ଶିକ୍ଷାର ପ୍ରଚାର କାର୍ଯ୍ୟ ମଧ୍ୟ ହୋଇଯିବ ଏବଂ ଏକେଶ୍ୱରବାଦର ପ୍ରତିଷ୍ଠା ଯାହାକି ଆମର ଲକ୍ଷ ଅଟେ, ଜମାଅତରେ ପ୍ରତିଷ୍ଠା ହେବ ।

ହଜୁର ଅନଓ୍ୱର ଅ.ବ କହିଲେ- ଅତଃ ଯେଉଁସ୍ଥଳେ ପଢିବା ଓ ଶୁଣିବାର ବ୍ୟବସ୍ଥା ହେବା ଉଚିତ୍ ସେଠାରେ M.T.A ବ୍ୟବସ୍ଥା ମଧ୍ୟ ହେବା ଆବଶ୍ୟକ । ଏହାକୁ ପ୍ରତ୍ୟେକଙ୍କୁ ନିଜ ଜୀବନର ଅଂଶ ଭାବରେ ସ୍ଥାନ ଦେବା ଉଚିତ୍ । ସ୍ୱୟଂ ପାଠ କରିବା ସହିତ ତଦ୍‌ନୁଯାୟୀ ଅମଲ କରିବାକୁ ଚେଷ୍ଟା କରିବା ଉଚିତ୍ । ଅପକର୍ମରୁ ନିବୃତ ରହିବାକୁ ପୌତ୍ସାହିତ କରିବା ଓ ପ୍ରକୃତ ଅହେମଦିଙ୍କ ଚିହ୍ନ ବର୍ଣ୍ଣନା କରି ହଜୁର ଆ.ସ କୁହନ୍ତି- ବର୍ତମାନ ତୁମର କର୍ତବ୍ୟ କି ଦୁଆ, କ୍ଷମାପ୍ରାର୍ଥନା, ଉପାସନା ଓ ସଂସ୍କାରୀ ହେବାରେ ମଗ୍ନ ହୋଇଯାଅ । ଅଲ୍ଲାଃତାଲାଙ୍କ ପୁରସ୍କାର ଓ ନିର୍ଦେଶାବଳୀ ଯାହାର ସେ ପ୍ରତିଶୃତି କରିଛନ୍ତି ସେଥିରେ ନିଜକୁ ଆବଦ୍ଧ କରିନିଅ । ଯଦିଓ ଅଲ୍ଲାଃତାଲାଙ୍କର ମୋ ସହିତ ବଡ଼ ବଡ଼ ଅଙ୍ଗିକାର ଓ ସୁସମ୍ବାଦ ରହିଛି ଯାହା ପୂରଣ ହେବା ଧାର୍ଯ୍ୟ ଅଟେ କିନ୍ତୁ ତୁମେ ସେହିଥିରେ ହିଁ ଅହଂକାରୀ ପାଲଟିଯାଅ ନାହିଁ । ସମସ୍ତ ପ୍ରକାରର ଈର୍ଷା, ଦ୍ୱେଷ, ଚୁଗୁଲି, ଗର୍ବ, ଲୋକଦେଖାଣିଆ କାର୍ଯ୍ୟ, ବାହ୍ୟ ଓ ଅନ୍ତରର ମନ୍ଦକର୍ମ, ଅଳସୁଆମି, ଭୋଳାପଣ, ନିଶ୍ଚିନ୍ତ ଆଦି ଗୁଣରୁ ନିବୃତ ରୁହ ଏବଂ ବେଶ୍ ଭଲଭାବରେ ମନେରଖ କି ଶେଷରେ ସର୍ବଦା ଧର୍ମପରାୟଣମାନେ ହିଁ ଜୟଯୁକ୍ତ ହୋଇଥାନ୍ତି । ଅଲ୍ଲାଃତାଲା କୁହନ୍ତି- **ଓ୍ୱଲ୍ ଆକିବାତୁ ଲିଲ୍ ମୁତ୍‌ତକିନ୍** ସୁତରାଂ ଧର୍ମପରାୟଣ ହେବାକୁ ଚେଷ୍ଟା କର କାରଣ ଶେଷରେ ସେହିମାନେ ହିଁ କୃତକାର୍ଯ୍ୟ ହୋଇଥାନ୍ତି ।

ଅଲ୍ଲାଃତାଲା ଆମକୁ ପ୍ରକୃତ ଅହେମଦି ହେବାକୁ ଏବଂ ଆପଣଙ୍କ ଶିକ୍ଷା ମୁତାବକ ଅମଲ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଆମେ ଅଲ୍ଲାଃଙ୍କ କର୍ତବ୍ୟ ସମ୍ପାଦନକାରୀ ହେଉ ଏବଂ ତାହାର ପ୍ରସନ୍ନତା ମଧ୍ୟ ହାସଲ କରୁ । ନିଜ ସୁଧାର କରିବା ସହିତ (ନିଜ ଧାର୍ମିକ) ଜ୍ଞାନରେ ଅଭିବୃଦ୍ଧି ପ୍ରତି ଧ୍ୟାନ ଦେଉ ତଥା ଅଲ୍ଲାଃଙ୍କ ଭକ୍ତମାନଙ୍କ କର୍ତବ୍ୟ ସମ୍ପାଦନକାରୀ ହେଉ ।

ହଜୁର ଅନଓ୍ୱର ଅ.ବ କହିଲେ- ଏହି ଦିନମାନଙ୍କରେ ବିଶେଷ କରି ପାକିସ୍ତାନର ପରିସ୍ଥିତି (ଅନୁକୂଳ) ହେବା ନିମନ୍ତେ ଦୁଆ କରିବେ ଏବଂ ସ୍ୱୟଂ ପାକିସ୍ତାନିମାନଙ୍କୁ ନିଜ ପାଇଁ ମଧ୍ୟ ଦୁଆ କରିବା ଉଚିତ୍ । ଅଲ୍ଲାଃତାଲା ସେମାନଙ୍କୁ ସମସ୍ତ ପ୍ରକାରର ବିପତିରୁ ସୁରକ୍ଷିତ ରଖନ୍ତୁ । ସାଧାରଣତଃ ଦେଶ ଭିତରେ ଯେଉଁ ବିଭ୍ରାଟ ମୁଣ୍ଡ ଟେକିଲାଣି । ଅଲ୍ଲାଃତାଲା ତାହାର କୁପ୍ରଭାବରୁ ଦେଶକୁ ସୁରକ୍ଷିତ ରଖନ୍ତୁ । ସମଗ୍ର ବିଶ୍ୱ ପାଇଁ ମଧ୍ୟ ଦୁଆ କରିବେ ବେଶ୍ ତୀବ୍ରତାର ସହିତ ଏମାନେ ବିଶ୍ୱଯୁଦ୍ଧ ଆଡ଼କୁ ବଢିଚାଲିଛନ୍ତି । ଋଷ ଓ ଆମେରିକା ଉଭୟ ତାହାର ପ୍ରସ୍ତୁତିରେ ମାତିଛନ୍ତି ଏବଂ ଅସଲରେ ସେମାନେ ନିଜ ପ୍ରାଧାନ୍ୟ ସାବ୍ୟସ୍ତ କରିବାକୁ ଚାହୁଁଛନ୍ତି ଏବଂ ନାମ ନେଉଛନ୍ତି ଆମେ ଅତ୍ୟାଚାରୀତମାନଙ୍କୁ ସେମାନଙ୍କ ଅଧିକାର ଦେବାକୁ ଚାହୁଁଛୁ । ପ୍ରକୃତରେ ସେମାନେ ଏପରି କହି ମୁସଲମାନ ଦେଶଗୁଡ଼ିକୁ ଧ୍ୱଂସ କରିବାକୁ ଚାହୁଁଛନ୍ତି । ସୁତରାଂ ଅଲ୍ଲାଃତାଲା ମୁସଲମାନମାନଙ୍କୁ ସତ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ଏମାନେ ସେମାନଙ୍କ ଠାରୁ ସାହାଯ୍ୟ ମାଗିବା ପରିବର୍ତେ ସ୍ୱୟଂ ନିଜ ନିଷ୍ପତି ନିଅନ୍ତୁ, ନିଜ ପ୍ରଜାମାନଙ୍କ ଅଧିକାର ପ୍ରଦାନ କରନ୍ତୁ, ଜନତା ମଧ୍ୟ ନିଜ ପ୍ରଶାସନର ଅଧିକାର ପ୍ରଦାନ କରନ୍ତୁ ଏବଂ ଏହି ସଂନ୍ତ୍ରାସବାଦୀ ଗୋଷ୍ଠୀମାନେ ଇସଲାମ ନାମରେ ଯେଉଁ ହରକତ୍ କରୁଛନ୍ତି ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ଧରନ୍ତୁ । ଉଭୟ ଗୋଷ୍ଠୀକୁ ସତ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ସବୁଠାରୁ ବଳି ଏହି କି ଯେ, ସେମାନେ ଯୁଗର ଇମାମଙ୍କୁ ସ୍ୱୀକାର କରନ୍ତୁ କାରଣ ଏତତ୍‌ବ୍ୟତୀତ (ବର୍ତିବାର) ଅନ୍ୟ କୌଣସି ମାର୍ଗ ନାହିଁ । ନା ସେମାନେ ଅନ୍ୟ କୌନସି ପ୍ରକାରରେ ଏଥିରୁ ମୁକୁଳି ପାରିବେ । ଅଲ୍ଲାଃତାଲା ସେମାନଙ୍କୁ ସତ୍‌ବୁଦ୍ଧି ପ୍ରଦାନ କରନ୍ତୁ ଓ ମୁସଲମାନମାନେ ଏହି ଅତ୍ୟାଚାରର ଭାଗୀଦାର ହେବା ପରିବର୍ତେ ଇସଲାମର ପ୍ରକୃତ ଶିକ୍ଷା ମୁତାବକ ପ୍ରେମ, ଭଲପାଇବା ଓ ଭାତୃଭାବର ଶିକ୍ଷାକୁ ସର୍ବତ୍ର ପ୍ରସାର କରିବା ସହିତ ଅଲ୍ଲାଃଙ୍କ କର୍ତବ୍ୟ ସମ୍ପାଦନ କରନ୍ତୁ ।

Khulasa Khutba Juma Huzoor Anwar a.b.a

13th April 2018